ସେନ୍‌ସେକ୍ସ



ସେନ୍‌ସେକ୍ସ
୩୪୫୯୨,୩୯(+୮୮.୯୦)
ନିଫ୍‌ଟି:
୧୦୬୮୧.୨୫ (+୩୦.୦୫)
ମିଡ୍‌କ୍ୟାପ୍:
୧୮୧୩୭.୦୩ (-୩୦.୭୪)
ସ୍ମଲ୍‌କ୍ୟାପ୍:
୧୯୯୯୩.୧୯(+୯.୨୬%)
କ୍ରୁଡ୍ ଅଏଲ୍:
୪୦୧୩.୦୦ (-୮୭.୦୦)
ଡଲାର: ୬୩.୭୩
ୟୁରୋ: ୭୭.୩୨
ପାଉଣ୍ଡ: ୮୬.୮୮
ୟେନ୍: ୦.୫୭
ଟପ୍ ଗେନର୍ସ ଆଣ୍ଡ ଲୁଜର୍ସ
ଆଇସିଆଇସିଆଇ ବ୍ୟାଙ୍କ୍
୩୧୭.୬୦(+୨.୬୩%)
ଭାରତୀ ଏୟାରଟେଲ୍
୫୦୯.୪୦ (-୧.୦୪%)

ଇଲେକ୍ଟ୍ରିକ୍ ଯାନ ଓ ସେଚ ଉପକରଣ ଉପରୁ ଜିଏସ୍‌ଟି କମିବ !

ନୂଆଦିଲ୍ଲୀ,୧୨।୧/ଏଜେନ୍ସି: ଆସନ୍ତା ସପ୍ତାହରେ ବସ୍ତୁ ଓ ସେବା କର ବା ଜିଏସ୍‌ଟି ପରିଷଦର ବୈଠକ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ବସିବ। ସେହି ବୈଠକରେ ଇଲେକ୍ଟ୍ରିକ୍ ଯାନ, ବାୟୋଡିଜେଲ ଚାଳିତ ବସ୍ ଓ ଜଳସେଚନ ପାଇଁ ବ୍ୟବହାର କରାଯାଉଥିବା ଯନ୍ତ୍ର ଓ ଉପକରଣ ଆଦି ଅଳ୍ପ କେତୋଟି ସାମଗ୍ରୀ ଉପରେ ଲାଗୁ ହେଉଥିବା ଜିଏସ୍‌ଟି ହାର କମାଯିବା ନିମନ୍ତେ ଫିଟ୍‌ମେଣ୍ଟ୍ କମିଟି ସୁପାରିସ କରିଛି। କୃଷିରେ ଲଗାଣ ଖର୍ଚ୍ଚ କମାଇବା ଓ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଏହି କାର୍ଯ୍ୟରେ ଲାଗୁଥିବା ଉପକରଣ ଉପରୁ ଜିଏସ୍‌ଟି ହାର କମାଯିବ। ପ୍ରଚଳିତ ନିୟମରେ ଜଳସେଚନ ଉପକରଣ ଉପରେ ୧୮% ଓ ଇଲେକ୍ଟ୍ରିକ୍ ଯାନ, ବାୟୋଡିଜେଲ ଚାଳିତ ବସ୍ ଉପରେ ୨୮% ଜିଏସଟି ଲାଗୁ ହେଉଛି। ଜିଏସ୍‌ଟି ହାର କମାଗଲେ ଜଳସେଚନ ଉପକରଣ ଉପରେ ୧୨% ଓ ଇଲେକ୍ଟ୍ରିକ୍ ଯାନ, ବାୟୋଡିଜେଲ ଚାଳିତ ବସ୍ ଉପରେ ୧୮% ଜିଏସଟି ଲାଗୁ ଫେବୃଆରୀ ପହିଲାରେ ସଂସଦରେ ବଜେଟ୍ ଉପସ୍ଥାପନ ହେବ। ତା' ପୂର୍ବରୁ ଏହା ହେବ ଜିଏସ୍‌ଟି ପରିଷଦର ଶେଷ ବୈଠକ। ଅନୁମାନ କରାଯାଉଥିଲା ଯେ ଦୈନନ୍ଦିନ ବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀଗୁଡ଼ିକ ଉପରୁ ବସ୍ତୁ ଓ ସେବା କର ବା ଜିଏସ୍‌ଟି ହାର କମାଇବା ପରେ ସରକାର ଏବେ ରେଫ୍ରିଜିରେଟର୍, ୱାଶିଂ ମେସିନ୍ ଭଳି ହ୍ୱାଇଟ୍ ଗୁଡ୍‌ସ ବା କଞ୍ଜ୍ୟୁମର୍ ଡ୍ୟୁରେବୁଲ୍‌ସ ଉପରୁ ଜିଏସ୍‌ଟି ହାର ଯାହା ଏବେ ୨୮% ରହିଛି ତାହାକୁ କମାଇବେ। ଏହା ହେଲେ କଞ୍ଜ୍ୟୁମର୍ ଡ୍ୟୁରେବୁଲ୍‌ସ ଚାହିଦା ବଢ଼ିବ। ରେଫ୍ରିଜିରେଟର୍, ୱାଶିଂ ମେସିନ୍ ଭଳି ହ୍ୱାଇଟ୍ ଗୁଡ୍‌ସକୁ ଏବେ ଆଉ ଲକଜୁରୀ ବିଚାର କରାଯାଉନାହିଁ। ତେଣୁ ସେଗୁଡ଼ିକ ଉପରେ ଜିଏସ୍‌ଟି ହାର ୧୮% ହିଁ ଲାଗୁ କରାଯିବା ଠିକ୍ ହେବ ବୋଲି ଘରୋଇ ନିର୍ମାତାମାନେ କହୁଛନ୍ତି। କିନ୍ତୁ ଜିଏସଟି ପରିଷଦର ଆଗାମୀ ବୈଠକରେ ହ୍ୱାଇଟ୍ ଗୁଡ୍‌ସ ବା କଞ୍ଜ୍ୟୁମର୍ ଡ୍ୟୁରେବୁଲ୍‌ସ ଉପରୁ ଜିଏସ୍‌ଟି ହାର କମାଯିବ ନାହିଁ। ଗତ ନଭେମ୍ବର ମାସରେ ଜିଏସ୍‌ଟି ଆଦାୟ ପରିମାଣ କମି ୮୦,୮୦୮ କୋଟି ଟଙ୍କା ରହିଛି। ତେଣୁ ରାଜସ୍ୱ ହରାଇବାକୁ ସରକାର ଚାହିଁବେ ନାହିଁ। ଜିଏସ୍‌ଟି ପରିଷଦ କିଛି ଦିନ ତଳେ ୧୭୮ଟି ସାମଗ୍ରୀ ଉପରୁ ଜିଏସଟି ହାର ୨୮%ରୁ ୧୮%କୁ କମାଇବା ପରେ ଏବେ ମାତ୍ର ୫୦ ପ୍ରକାରର ସାମଗ୍ରୀ ଉପରେ ୨୮% ଜିଏସ୍‌ଟି ଲାଗୁ ଅଛି। ୧୭୮ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର କମାଇବାରୁ ସରକାର ୨୦ହଜାର କୋଟି ଟଙ୍କା ରାଜସ୍ୱ କ୍ଷତି ସହିବେ। ଏବେ ସିମେଣ୍ଟ୍ ଉପରେ ଜିଏସ୍‌ଟି ହାର ୨୮% ରହିଛି। ସିମେଣ୍ଟ୍ ସର୍ବାଧିକ ଟ୍ୟାକ୍ସ ବ୍ରାକେଟ୍‌ରେ ରହିବା କଥା ନୁହେଁ। ଯଦି ସିମେଣ୍ଟ ଉପରେ ଜିଏସ୍‌ଟି ହାର ୨୮%ରୁ ୧୮%କୁ କମାଯାଏ ତେବେ ବର୍ଷକୁ ରାଜସ୍ୱ ସଂଗ୍ରହ ଆଉ ୧୫ହଜାର କୋଟି ଟଙ୍କା କମିବ। ତେଣୁ, ସରକାର ବିତ୍ତୀୟ ସ୍ଥିତିକୁ ଦୃଷ୍ଟିରେ ରଖି ସିମେଣ୍ଟ୍ ବିକ୍ରିରୁ ମିଳୁଥିବା ବିପୁଳ ପରିମାଣର ରାଜସ୍ୱ କମିବା ଚାହାନ୍ତି ନାହିଁ। ସରକାରଙ୍କ ଲକ୍ଷ୍ୟ ରହିଛି, ୧୨ ଓ ୧୮% ଏପରି ଦୁଇଟି ଜିଏସ୍‌ଟି ସ୍ଲାବ୍ ନରଖି ଉଭୟକୁ ମିଶାଇ ଗୋଟି ସ୍ଲାବ୍ କରିବେ। ଫଳରେ ୫%, ୧୮% ଓ ୨୮% ଏହିପରି ମାତ୍ର ୩ଟି ସ୍ଲାବ୍ ଥିବା ଜିଏସ୍‌ଟି ସିଷ୍ଟମ୍ ରହିବ। ପୁଣି ଭବିଷ୍ୟତରେ ତାହାକୁ ଦୁଇଟି ସ୍ଲାବ୍‌ରେ ସୀମିତ ରଖାଯିବ।

ଇଫ୍‌କୋ ତରଫରୁ ଏଗ୍ରି ଇନ୍‌ପୁଟ୍‌ର ମାଗଣା ଡୋର୍ ଡେଲିଭରୀ ଆରମ୍ଭ

ନୂଆଦିଲ୍ଲୀ,୧୨।୧/ଏଜେନ୍ସି: ବିଶ୍ୱର ସର୍ବବୃହତ ସାର ସମବାୟ ସଂସ୍ଥା ଇଫ୍‌କୋ ପକ୍ଷରୁ ଏହାର ଡିଜିଟାଲ୍ ପ୍ଲାଟଫର୍ମ, ଇଣ୍ଡିଆନ୍ କୋଅପରେଟିଭ୍ ଡିଜିଟାଲ୍ ପ୍ଲାଟଫର୍ମ (ଆଇସିଡିପି) ଜରିଆରେ ସାରା ଭାରତରେ ଏଗ୍ରି (କୃଷି) ଇନ୍‌ପୁଟ୍‌ର ମାଗଣା ଡୋର୍-ଟୁ-ଡୋର ଡେଲିଭରି ସେବା ଆରମ୍ଭ ବିଷୟରେ ଘୋଷଣା କରାଯାଇଛି। ଏହି ପୋର୍ଟାଲ୍ ୧୩ଟି ପ୍ରମୁଖ ଭାରତୀୟ ଭାଷାରେ ଉପଲବ୍ଧ ହେଉଛି ଏବଂ ଏହାର ସଦସ୍ୟ ପରିମାଣ ହେଉଛି ୨.୫ କୋଟି। ସଦ୍ୟତମ ପ୍ରଯୁକ୍ତି ସହିତ ପ୍ରଭାବଶାଳୀ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥାର ଶକ୍ତି ସହିତ ଗ୍ରାମୀଣ ଭାରତରେ ଆଧୁନିକ ଇ-କମର୍ସ ଅନୁଭୂତି ଏବଂ ଲାଭ ପହଞ୍ଚାଇବା ହେଉଛି ଏହାର ମୂଳ ଲକ୍ଷ୍ୟ। ଏହି ସେବା ଜରିଆରେ ଇଫ୍‌କୋ ଗ୍ରାମୀଣ ଭାରତର ଦୁର୍ଗମ ଅଞ୍ଚଳରେ ଥିବା ଚାଷୀଙ୍କ ପାଖରେ ପହଞ୍ଚିପାରିବ ଏବଂ ସେବା ଯୋଗାଇ ଦେଇ ପାରିବ। ଚାଷୀମାନେ ଏବେ ଆବଶ୍ୟକ କୃଷି ଇନ୍‌ପୁଟ୍‌ର ସମ୍ପୂର୍ଣ୍ଣ ରେଞ୍ଜ୍ ଯଥା ପାଣିରେ ମିଳେଇ ଯାଉଥିବା ସାର, ଏଗ୍ରୋ-କେମିକାଲ୍ (କୃଷି-ରସାୟନ), ବାୟୋ-ଫର୍ଟିଲାଇଜର (ଜୈବ ସାର), ବିହନ, ପ୍ଲାଣ୍ଟ୍ ଗ୍ରୋଥ୍ ପ୍ରମୋଟର୍ ଏବଂ ଅନ୍ୟାନ୍ୟ କୃଷି ଭିତିକ ଉତ୍ପାଦ ହାସଲ କରିପାରିବେ। ଏହି ଉତ୍ପାଦ ଗୁଡ଼ିକ ୫ କେଜି ପର୍ଯ୍ୟନ୍ତ ପ୍ୟାକେଟ୍‌ରେ ଉପଲବ୍ଧ ହେବ ଏବଂ ଡେଲିଭରି ପାଇଁ କୌଣସି ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିବ ନାହିଁ। ପାରମ୍ପରିକ ସାର ଯଥା ୟୁରିଆ, ଡିଏପି, ଏନ୍‌ପିକେ ଇତ୍ୟାଦିକୁ ଅନ୍‌ଲାଇନ୍‌ରେ ବିକ୍ରି କରାଯିବ ନାହିଁ। ଶିଳ୍ପରେ ଏଭଳି ପ୍ରଥମ ଧରଣର ପଦକ୍ଷେପ ସହିତ ଆଇସିଡିପି ଏହି ଡେଲିଭରି ସେବା ଏଭଳି ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରଦାନ କରିବ ଯେଉଁଠାରେ ବର୍ତ୍ତମାନ ପରିସ୍ଥିତିରେ ଅଗ୍ରଣୀ ଇ-କମର୍ସ କମ୍ପାନିଗୁଡ଼ିକ ମଧ୍ୟ ସେବା ପ୍ରଦାନ କରିପାରିନାହାନ୍ତି ବୋଲି ଡକ୍ଟର ୟୁ ଏସ୍ ଅୱସ୍ଥି, ପରିଚାଳନା ନିର୍ଦ୍ଦେଶକ, ଇଫ୍‌କୋ କହିଛନ୍ତି। ଚାଷୀମାନଙ୍କ ପାଇଁ ଇଫ୍‌କୋ ତାଲିମ ଏବଂ ସଚେତନତା ସୃଷ୍ଟି ଅଭିଯାନ ଆରମ୍ଭ କରିଛି ଯେଉଁଠାରେ ସେମାନେ ଅନ୍‌ଲାଇନ୍ ଏବଂ ଡିଜିଟାଲ୍ ପେମେଣ୍ଟ୍ ଗେଟ୍‌ୱେର ବ୍ୟବହାର ଶିଖି ପାରିବେ ଏବଂ ଏହା ଜରିଆରେ ସେମାନଙ୍କୁ ନଗଦ ବିହୀନ କାରବାର କରିବାର ଲାଭ ବିଷୟରେ ମଧ୍ୟ ସଚେତନ କରାଯାଉଛି। ଆଗାମୀ ଦିନରେ ଏହି ପ୍ଲାଟଫର୍ମକୁ ଏକ ସୁଦୃଢ଼ ଡିଜିଟାଲ୍ ମାର୍କେଟ୍ ପ୍ଲେସ୍‌ରେ ପରିଣତ କରାଯିବ ଯେଉଁଠାରେ ଚାଷୀ ଏବଂ ସମବାୟ ସଂସ୍ଥା ଗୁଡ଼ିକ ଉତ୍ପାଦିତ ସାମଗ୍ରୀର ଅନ୍‌ଲାଇନ୍ କିଣାବିକା କରିପାରିବେ ଏବଂ ସେମାନଙ୍କୁ ଆଉ ମଧ୍ୟସ୍ଥି ଏବଂ ଟାଉଟରଙ୍କ ମାଧ୍ୟମ ଦେଇ ଯିବାକୁ ପଡ଼ିବ ନାହିଁ ।

ଟେଲିକମ୍ ଉପଭୋକ୍ତା ସଂଖ୍ୟା ୧୧୮ କୋଟିକୁ ହ୍ରାସ

ନୂଆଦିଲ୍ଲୀ,୧୨।୧/ପିଟି: ଗତ ନଭେମ୍ବର ମାସରେ ଆରମ୍ଭରୁ ଥିବା ଟେଲିକମ୍ ଉପଭୋକ୍ତାଙ୍କ ସଂଖ୍ୟାରେ ୧.୫୮ କୋଟି ହ୍ରାସ ପାଇ ୧୧୮.୫ କୋଟିରେ ପହଞ୍ଚିଛି ଏବଂ ରିଲାଏନ୍ସ ଜିଓ ୧୫ କୋଟି ଉପଭୋକ୍ତାଙ୍କ ସହିତ ଗ୍ରାହକ ଯୋଡ଼ିବାରେ ସବୁଠୁ ଆଗରେ ରହିଛି। ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ ଅକ୍ଟୋବର ମାସରେ ଭାରତରେ ୧୨୦ କୋଟିରୁ ଉର୍ଦ୍ଧ୍ୱ ଟେଲିଫୋନ୍ ବ୍ୟବହାରକାରୀ ଥିଲେ ଏବଂ ନଭେମ୍ବର ମାସ ଶେଷରେ ଏଥିରେ ୧.୩୨ ପ୍ରତିଶତ ହ୍ରାସପାଇ ୧୧୮ କୋଟିକୁ ଖସିଆସିଛି। ଅନିଲ ଅମ୍ବାନିଙ୍କ ମାଲିକାନାରେ ଥିବା ରିଲାଏନ୍ସ କମ୍ୟୁନିକେସନ୍ ସମେତ ଅନ୍ୟ କିଛି କମ୍ପାନୀ ବନ୍ଦ ହୋଇଥିବା ଏହାର କାରଣ ବୋଲି ଜଣାପଡ଼ିଛି। କେବଳ ରିଲାଏନ୍ସ କମ୍ୟୁନିକେସନ୍‌ର ୨.୫୭ କୋଟି ଗ୍ରାହକ ଥିଲେ। ଗ୍ରାହକ କମିବାର କାରଣ ହେଉଛି ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍, ଆଇଡିଆ ସେଲ୍ୟୁଲାର୍, ଭୋଡାଫୋନ୍ ଓ ବିଏସ୍‌ଏନ୍‌ଏଲ୍ ଆଦି କମ୍ପାନୀ ନୂଆ ଗ୍ରାହକ ଯୋଡ଼ିବା। ରିଲାଏନ୍ସ ଜିଓ ଏହି ସମୟ ଅବଧିରେ ୬୧ ଲକ୍ଷ ଉପଭୋକ୍ତା ଯୋଡ଼ିବା ସହିତ ଏହାର ଗ୍ରାହକ ସଂଖ୍ୟାକୁ ୧୫.୨ କୋଟିରେ ପହଞ୍ଚାଇଛି। ଟେଲିକମ୍ ବ୍ୟବସାୟରେ ସର୍ବାଗ୍ରେ ଥିବା ଏୟାରଟେଲ୍‌ର ବର୍ତ୍ତମାନ ୨୮.୯୫ କୋଟି ଉପଭୋକ୍ତା ରହିଛନ୍ତି। ନଭେମ୍ବର ମାସରେ ଏୟାରଟେଲ୍ ୪୩ ଲକ୍ଷ ନୂତନ ଗ୍ରାହକଙ୍କୁ ଯୋଡ଼ିଥିବାବେଳେ ଆଇଡିଆ ସେଲ୍ୟୁଲାର ୩୧.୯୮ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଛି। ଏୟାରଟେଲ୍ ସହିତ ମିଶିଯିବାର ପ୍ରକ୍ରିୟା ଆରମ୍ଭ କରିଥିବା ଟାଟା ଟେଲିସର୍ଭିସ୍ ଓ ଟେଲିନର୍ ଯଥାକ୍ରମେ ୨୨ ଲକ୍ଷ ଓ ୧୨.୪୫ ଲକ୍ଷ ଗ୍ରାହକ ହରାଇଛନ୍ତି। ସେହିଭଳି ଏୟାରସେଲ୍ ଓ ଏମ୍‌ଟିଏନ୍‌ଏଲ୍ ଯଥାକ୍ରମେ ୬.୬୫ ଲକ୍ଷ ଓ ୩,୯୪୧ ଗ୍ରାହକ ହରାଇଛନ୍ତି। ଲ୍ୟାଣ୍ଡଲାଇନ୍ ଉପଭୋକ୍ତାଙ୍କ ସଂଖ୍ୟା ୨.୩୫ କୋଟିରୁ ୨.୩୪ କୋଟିକୁ ଖସିଆସିଛି। ସହରାଞ୍ଚଳରେ ଟେଲିକମ୍ ଉପଭୋକ୍ତାଙ୍କ ସଂଖ୍ୟା ୬୯.୭୫ କୋଟିରୁ ୬୮.୪୮କୁ ଏବଂ ଗ୍ରାମାଞ୍ଚଳରେ ୫୦.୪୧ କୋଟିରୁ ୪୦ କୋଟିକୁ ଖସିଆସିଛି।

କ୍ରିପ୍ଟୋକରେନ୍ସି ବ୍ୟବସାୟ କରିବ ରିଲାଏନ୍ସ ଜିଓ !

ନୂଆଦିଲ୍ଲୀ,୧୨।୧/ ପିଟି: ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡ୍ ଗ୍ରାହକଙ୍କୁ ଫ୍ରି ଅଫର୍ ଓ ଅତି କମ୍ ଟାରିଫ୍‌ରେ ଡାଟା ଯୋଗାଇ ଟେଲିକମ୍ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ବହୁ ମାତ୍ରାରେ ବଢ଼ାଇଦେବା ପରେ ଏବେ ନିଜର କ୍ରିପ୍ଟୋକରେନ୍ସି ଜିଓକଏନ୍ କ୍ରିଏଟ୍ କରିବାକୁ ଯୋଜନା ରଖିଛି। ରିଲାଏନ୍ସ ଜିଓ ସେଥିପାଇଁ ବ୍ଲକ୍‌ଚେନ୍ ପ୍ରଯୁକ୍ତିର ଉପଯୋଗ କରିବାକୁ ଯୁବ ପେସାଦାରଙ୍କ ଏକ ୫୦ ଜଣିଆ ଟିମ୍ ଗଢ଼ିବ।

ମୁକେଶ ଅମ୍ବାନିଙ୍କ ପୁତ୍ର ଆକାଶ ଜିଓକଏନ୍ ପ୍ରେଜେକ୍ଟକୁ ଲିଡରଶିପ୍ ଦେବେ। ବ୍ଲକ୍‌ଚେନ୍ ପ୍ରଯୁକ୍ତିର ଉପଯୋଗ କରି କ୍ରିପ୍ଟୋକରେନ୍ସି କ୍ରିଏଟ୍ କରିହେବା ବ୍ୟତୀତ ଏହି ପ୍ରଯୁକ୍ତିରେ ସ୍ମାର୍ଟ କଣ୍ଟ୍ରାକ୍ଟସ୍ ଓ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ୍ ଲଜିଷ୍ଟିକ୍ସ ଆପ୍ଲିକେସନ୍ ମଧ୍ୟ ବିକଶିତ କରିହେବ। ଆକାଶଙ୍କ ଟିମ୍ ବିଭିନ୍ନ ବ୍ଲକ୍‌ଚେନ୍ ଉତ୍ପାଦର ବିକାଶ କରାଇବାରେ ଉଦ୍‌ଯୋଗୀ ହେବ। ବ୍ଲକ୍‌ଚେନ୍ ହେଉଛି ଡାଟା ଷ୍ଟୋର୍ କରିବା ପାଇଁ ଏକ ଡିଜିଟାଲ୍ ଲେଡ୍‌ଜର୍ ଯାହା ଅନ୍ୟ ବିଭିନ୍ନ କାର୍ଯ୍ୟରେ ଲାଗିପାରିବା ସହ ଫିନାନ୍ସିଆଲ୍ ଟ୍ରାଞ୍ଜାକ୍ସନ୍ ପାଇଁ ମଧ୍ୟ ବ୍ୟବହାର କରାଯାଇ ପାରିବ।

ବ୍ଲକ୍‌ଚେନ୍ ସୂଚନାକୁ କପି ନକରି ଡିସେଣ୍ଟ୍ରାଲାଇଜେସନ୍ କରେ। ବ୍ଲକ୍‌ଚେନ୍‌ରେ ସୂଚନା ଏକ ଶେୟାର୍ଡ ଡାଟାବେସ୍‌ରେ ରହେ ଯାହା ରିୟଲ୍-ଟାଇମ୍ ବେସିସ୍‌ରେ ଆକ୍‌ସେସ୍ କରିହେବ। ଏହି ଡାଟାବେସ୍ କୌଣସି ସର୍ଭରରେ ନରଖାଯାଇ କ୍ଲାଉଡ୍‌ରେ ରଖା ଯାଉଥିବାରୁ ଏଥିରେ ଅସୀମିତ ଡାଟା ଷ୍ଟୋର୍ କରିହେବ। ଏହି ବ୍ଲକ୍‌ଚେନ୍ ପ୍ରଯୁକ୍ତିର ଉପଯୋଗ କରାଯାଇ କ୍ରାଇପ୍ଟୋକରେନ୍ସି କ୍ରିଏଟ୍ କରାଯାଏ। ଅନେକ ପ୍ରକାର କ୍ରିପ୍ଟୋକରେନ୍ସି ବା ଡିଜିଟାଲ୍ କରେନ୍ସି ଏବେ ଉପଲବ୍ଧ ଅଛି। ସମସ୍ତ ପ୍ରକାରର କ୍ରିପ୍ଟୋକରେନ୍ସିର ମୋଟ ମୂଲ୍ୟ ଜାନୁଆରୀ ୨୦୧୮ ୭ ତାରିଖରେ ଥିଲା ୮୨,୪୦୦ କୋଟି ଡଲାର୍। ମାତ୍ର ୫୩ ସପ୍ତାହ ପୂର୍ବେ ୧୦୧୬ ଡିସେମ୍ବର ୩୧ ତାରିଖରେ ସମସ୍ତ ପ୍ରକାରର କ୍ରାଇପ୍ଟୋ-କରେନ୍ସିର ମୋଟ ମୂଲ୍ୟ ଥିଲା ମାତ୍ର ୧, ୭୭୦ କୋଟି ଡଲାର୍। ଅର୍ଥାତ୍ ଗୋଟିଏ ବର୍ଷରେ ଡିଜିଟାଲ୍ କରେନ୍ସି ଚାହିଦା ଓ ବ୍ୟବସାୟ ୪,୫୦୦% ବଢ଼ିଛି। ୩୫% ମାର୍କେଟ୍ ଶେୟାର୍ ସହ ବିଟ୍‌କଏନ୍ ହେଉଛି ସବୁଠାରୁ ଆଦୃତ କ୍ରାଇପ୍ଟୋକରେନ୍ସି।

ଏବେ ଏହାର ମାର୍କେଟ୍ କ୍ୟାପିଟାଲାଇଜେସନ୍ ରହିଛି ୨୮,୫୦୦ କୋଟି ଡଲାର୍। ଅନ୍ୟ କେତୋଟି ଡିଜିଟାଲ୍ କରେନ୍ସି ହେଉଛି ରିପଲ୍'ର ଏକ୍ସଆର୍‌ପି, ଷ୍ଟିଲାର୍, ଆୟୋଟା ଓ କୋମୋଡୋ।

ଭୋଡାଫୋନ୍‌ର ସୁପର୍ ସିଲ୍‌ଡ ସୁରକ୍ଷା ବ୍ୟବସ୍ଥା

ମୁମ୍ବାଇ,୧୨।୧/ଏଜେନ୍ସି: ବ୍ୟବସାୟ କ୍ଷେତ୍ର ପାଇଁ ନୂତନ ସୁରକ୍ଷା ବ୍ୟବସ୍ଥା ଭୋଡାଫୋନ୍ ସୁପର ସିଲ୍‌ଡ ଶୁଭାରମ୍ଭ ପାଇଁ ଟ୍ରେଣ୍ଡ ମାଇକ୍ରୋ ସହ ଭୋଡାଫୋନ୍ ସହଭାଗିତା କରିଛି। ଏହା ଏକ କ୍ଲାଉଡ୍ ଭିତ୍ତିକ ସୁରକ୍ଷା ବ୍ୟବସ୍ଥା। ମାଲ୍‌ୱେର୍ ଆକ୍ରମଣ, ରାନ୍‌ସମ୍‌ୱେର୍, ସ୍ପାଏୱେର୍ ଏବଂ ତଥ୍ୟ ଚୋରି ଆଦି ବିପଦରୁ ଏହା ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରିପାରିବ। ସୁପର ସିଲ୍‌ଡରେ ୟୁଏସ୍‌ବି ପୋର୍ଟ ବ୍ଲକିଂ, ୟୁଆର୍‌ଏଲ୍ ଫିଲ୍‌ଟରିଂ, ୱିଣ୍ଡୋ ଫୁଲ୍ ଡିସ୍କ ଏନ୍‌କ୍ରିପ୍‌ସନ ଆଦି ବ୍ୟବସ୍ଥା ରହିଛି । ଟ୍ରେଣ୍ଡ୍ ମାଇକ୍ରୋର କ୍ଲାଉଡ୍‌ଭିତ୍ତିକ ଗ୍ଲୋବାଲ୍ ସ୍ମାର୍ଟ ପ୍ରୋଟେକସନ୍ ନେଟ୍‌ୱର୍କ ଜରିଆରେ ଏହା ବର୍ତ୍ତମାନର ଓ ନୂତନ ବିପଦରୁ ତଥ୍ୟ ସୁରକ୍ଷିତ ରଖିପାରିବ। ଭୋଡାଫୋନ୍ ସୁପର ସିଲ୍‌ଡ ଗ୍ରାହକ ଅପ୍‌ଡେଟ୍ ସୂଚନା ମଧ୍ୟ ପାଇପାରିବେ । ଫଳରେ ସେମାନେ ଜଟିଳ ଆଇଟି ବ୍ୟବସ୍ଥା ଓ ସର୍ଭରରେ ସୁଧାର ଆଣିପାରିବେ। ଏହାର ଆଡମିନ୍ ପରିଚାଳନା ବ୍ୟବସ୍ଥାକୁ ଯେକୌଣସି ସ୍ଥାନରୁ ଯେକୌଣସି ସମୟରେ ଦେଖିହେବ। ୱିଣ୍ଡୋ ପିସି, ମ୍ୟାକ୍‌ବୁକ୍, ୱିଣ୍ଡୋ ସର୍ଭର୍, ଆଣ୍ଡ୍ରଏଡ୍ ଓ ଆଇଓଏସ୍ ମୋବାଇଲ୍ ପ୍ଲାଟ୍‌ଫର୍ମକୁ ଭୋଡାଫୋନ୍ ସୁପର ସିଲ୍‌ଡ ଦ୍ୱାରା ସୁରକ୍ଷିତ ରଖାଯାଇପାରିବ ବୋଲି ଭୋଡାଫୋନ୍ ବ୍ୟବସାୟ ସେବାର ବରିଷ୍ଠ ଉପସଭାପତି ଅନୀଲ ଫିଲିପ୍ କହିଛନ୍ତି।

ଆମ ରାଜ୍ୟ

ଲୁହାପଥର ବିକିବାକୁ ଅନୁମତି ଲୋଡ଼ିଲା ମେସ୍କୋ ଷ୍ଟିଲ୍

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍ : ରୋଇଡ଼ା ଖଣିରେ ପଡ଼ିରହିଥିବା ପ୍ରାୟ ୩୦୦କୋଟି ଟଙ୍କାର ଲୁହାପଥର ବିକ୍ରି ନିମନ୍ତେ ମସ୍କୋ ଷ୍ଟିଲ୍ ଆଜି ରାଜ୍ୟ ସରକାରଙ୍କ ଅନୁମତି ଲୋଡ଼ିଛି। ଏହା ସହିତ ଖଣି ଖନନ ନିମନ୍ତେ ଅନୁମତି ଦେବାକୁ ମଧ୍ୟ କମ୍ପାନୀ ଅନୁରୋଧ କରିଛି।

ମସ୍କୋ ପକ୍ଷରୁ ଜାରି ଏକ ପ୍ରେସ୍ ରିଲିଜ୍ ଅନୁସାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଡିସେମ୍ବର ୩୧ତାରିଖ ସୁଦ୍ଧା ଜୋରିମାନା ଦିଆଯାଇନଥିବାରୁ କମ୍ପାନୀର ଖଣି ଖନନକୁ ରାଜ୍ୟ ସରକାର ବନ୍ଦ କରିଛନ୍ତି। ରୋଇଡ଼ା ଖଣି ବନ୍ଦ କରାଯିବା ପରେ ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ଜୋରିମାନା ଅର୍ଥ ଦେବା ପାଇଁ କମ୍ପାନୀ ବିଭିନ୍ନ ମାର୍ଗ ଅନ୍ୱେଷଣ କରୁଛି। କମ୍ପାନୀର ସିଏମ୍‌ଡି ରୀତା ସିଂହ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କମ୍ପାନୀ ୯୨୪ କୋଟି ଟଙ୍କାର ଜୋରିମାନା ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ। ତେବେ କମ୍ପାନୀର ପ୍ରାୟ ୩୦୦କୋଟି ଟଙ୍କାର ଉତ୍ତୋଳନ ହୋଇଥିବା ଲୁହାପଥର ଏବେ ପଡ଼ିରହିଛି। ତେଣୁ ଏହାକୁ ବିକ୍ରି କରିବା ପାଇଁ କମ୍ପାନୀ ଚାହୁଁଛି। ସରକାର ଯଦି ଚାହିଁବେ ଆର୍ଥିକ ପର୍ଯ୍ୟବେକ୍ଷକ ନିଯୁକ୍ତି କରନ୍ତୁ। ଯିଏକି ଖଣିର ଉତ୍ତୋଳନ, ବିକ୍ରି ଓ ପୈଠକୁ ତଦାରଖ କରିବେ। ଏଥିପାଇଁ କମ୍ପାନୀ ପ୍ରସ୍ତୁତ ଅଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଡିସେମ୍ବର ୩୧ତାରିଖ ସୁଦ୍ଧା ଜୋରିମାନା ଅର୍ଥ ଦେଇନଥିବାରୁ ରାଜ୍ୟ ସରକାର ୭ଟି ଖଣିର ଖନନକୁ ବନ୍ଦ କରିଛନ୍ତି ଓ ସେଥିରେ ମସ୍କୋ ଷ୍ଟିଲ୍ ସାମିଲ ଅଛି।

ଶ୍ରୀୟାକୁ ମିଳିଲା ନୂଆ କୋଳ

କୋରାପୁଟ,୧୨।୧/ଏନ୍‌ଏନ୍‌ଏସ୍: କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା କୁମ୍ଭାରିପୁଟ ଗ୍ରାମ ନିକଟ ନୀଳଗିରି ଜଙ୍ଗଲରୁ ଜଣେ ଅପରିଚିତା ମହିଳାଙ୍କ ମୃତଦେହ ନିକଟରୁ ଉଦ୍ଧାର ହୋଇଥିବା ଶିଶୁକନ୍ୟା(ଶ୍ରୀୟା)ର ଠିକଣା ବଦଳିଛି। ତା'କୁ ମିଳିଛି ନୂଆ କୋଳ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଠିକଣା ଆଉ ଶ୍ରୀୟାର ନାହିଁ। ନୂଆ ଠିକଣା ହୋଇଛି ହାଇଦ୍ରାବାଦ । ହାଇଦ୍ରାବାଦର ନିଃସନ୍ତାନ ଇଞ୍ଜିନିୟର ଦମ୍ପତି ହୋଇଛନ୍ତି ତା'ର ମା' ଓ ବାପା। ସେମାନେ ଶ୍ରୀୟାକୁ ପୋଷ୍ୟ ସନ୍ତାନ ଭାବେ କୋଳେଇ ନେଇଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ ଆଜି ଶ୍ରୀୟାକୁ ସେମାନଙ୍କୁ ହସ୍ତାନ୍ତର କରିଛନ୍ତି। ତିନିଦିନ ପୂର୍ବରୁ ଏହି ଦମ୍ପତି କୋରାପୁଟରେ ପହଞ୍ଚିବା ପରେ ଶିଶୁ ହସ୍ତାନ୍ତର ପାଇଁ ଥିବା ସମସ୍ତ କାଗଜପତ୍ର ପ୍ରସ୍ତୁତ ହୋଇଥିଲା। ନିୟମ ଅନୁଯାୟୀ, ଏହି ଦମ୍ପତି ଆଜି କୋରାପୁଟ ଉପଜିଲ୍ଲାପାଳ କୃତ୍ତିବାସ ରାଉତଙ୍କ ନିକଟରେ ଚୁକ୍ତି କରିବା ପରେ ସେମାନେ ଶ୍ରୀୟାକୁ କୋଳେଇ ନେଇଥିଲେ। ଦୁଇମାସ ପରେ ପୁନର୍ବାର ସେମାନେ ଜିଲ୍ଲାଜଜ୍‌ଙ୍କ ନିକଟରେ ସ୍ଥାୟୀ ଚୁକ୍ତି କରିବାକୁ ଆସିବେ। ୨୦୧୭ ଜୁଲାଇ ୧୧ ତାରିଖରେ ବୋରିଗୁମ୍ମା ଥାନା କୁମ୍ଭାରୀପୁଟ ଗ୍ରାମ ନିକଟସ୍ଥ ନୀଳଗିରି ଜଙ୍ଗଲରେ ଏକ ଶିଶୁ କାନ୍ଦୁଥିବା ସ୍ଥାନୀୟ ଲୋକେ ଶୁଣିଥିଲେ। ଜଙ୍ଗଲ ଭିତରେ ଜଣେ ମହିଳାଙ୍କ ମୃତଦେହ ନିକଟରେ ଶିଶୁଟି କାନ୍ଦୁଥିବା ଦେଖି ଗ୍ରାମବାସୀ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଶିଶୁଟିକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲା। ଏହି ଶିଶୁକୁ ପ୍ରଥମେ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୧୯ଦିନ ଚିକିତ୍ସିତ ହେବାପରେ କୋରାପୁଟ ଫେରିଥିଲା ଉକ୍ତ ଶିଶୁ। ସରକାରଙ୍କ ପକ୍ଷରୁ ତା' ନାମ ରଖାଯାଇଥିଲା ଶ୍ରୀୟା। ସାମାଜିକ ଗଣମାଧ୍ୟମରୁ ଶ୍ରୀୟାକୁ ଦେଖି ହାଇଦ୍ରାବାଦ ଦମ୍ପତି କୋରାପୁଟ ଛୁଟି ଆସିଥିଲେ।

କୋଟିଆର ସୁନାଖଣି ଉପରେ ଆନ୍ଧ୍ରର ନଜର

। ସୁବୋଧ କୁମାର ଟେଙ୍ଗୀ, କୋରାପୁଟ, ୧୨।୧ :

ତିନିଦିନ ପୂର୍ବେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲ୍ଲା ପ୍ରଶାସନ କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ କୋଟିଆ ଗ୍ରାମ ପଞ୍ଚାୟତରେ ଅନୁପ୍ରବେଶ କରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଆୟୋଜନ କରିବା ପରେ କୋଟିଆକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଥିବା ବିବାଦ ପୁନର୍ଜୀବିତ ହୋଇଛି। ଓଡ଼ିଶା ଏବଂ ଆନ୍ଧ୍ର ଉଭୟ ରାଜ୍ୟ ସୀମା ବିବାଦକୁ ନେଇ ହାଇକୋର୍ଟରେ ମାମଲାର ବିଚାର ଚାଲିଥିବା ବେଳେ ଆନ୍ଧ୍ର ପକ୍ଷରୁ ଉକ୍ତ ଅଞ୍ଚଳରେ ବେଆଇନ ଭାବେ କଂକ୍ରିଟ ରାସ୍ତା, ସ୍କୁଲଗୃହ, ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ କରାଯିବା ସହ ରାସନ କାର୍ଡ ପ୍ରଦାନ ସାଙ୍ଗକୁ ଗ୍ରାମବାସୀଙ୍କୁ ଭୋଟ ଦାନରେ ସାମିଲ କରାଯାଉଛି। ଅନ୍ୟପକ୍ଷେ ଏହା ଏକ ମାଓ ପ୍ରବଣ ଅଞ୍ଚଳ ହୋଇଥିବାରୁ ତା'ର ସୁଯୋଗ ନେଇ ଓଡ଼ିଶା ସରକାର ଏବଂ ଜିଲ୍ଲା ପ୍ରଶାସନ ଉକ୍ତ ଅଞ୍ଚଳକୁ ଉପେକ୍ଷା କରୁଥିବା ବିଭିନ୍ନ ମହଲରୁ ଅଭିଯୋଗ ଉଠିଛି । କୋଟିଆର ତଳସେମ୍ଳି ଗ୍ରାମ ନିକଟରେ ଥିବା ସୁନା ପାହାଡ଼କୁ ହାତେଇବା ଉଦ୍ଦେଶ୍ୟରେ ଆନ୍ଧ୍ରପ୍ରଦେଶ ସରକାର ସେହି ଅଞ୍ଚଳକୁ ଜୋର ଜବରଦସ୍ତ ଅନୁପ୍ରବେଶ କରୁଥିବା ଚର୍ଚ୍ଚା ମଧ୍ୟ ହେଉଛି। ପଟାଙ୍ଗି ବ୍ଲକର ୨୮ଟି ଗ୍ରାମକୁ ନେଇ କୋଟିଆ ଗ୍ରାମ ପଞ୍ଚାୟତ ଗଠିତ ହୋଇଥିବା ବେଳେ ସେଥିମଧ୍ୟରୁ ୨୧ଟି ଗ୍ରାମକୁ ଆନ୍ଧ୍ର ସରକାର ନିଜ ଅଞ୍ଚଳ ବୋଲି ଦାବି କରୁଛନ୍ତି । ସେଗୁଡ଼ିକ ହେଲା ଗଞ୍ଜେଇପଦର, କୋଟିଆ, ସିଡି ୱାଲସା, ଉପରସେମ୍ଳି, ତଳସେମ୍ଳି, ଧୁଳିପଦର, ଆରକୁ ୱାଲସା, ନାରଡ଼ ୱାଲସା, ତାଡି ୱାଲସା, ମାର୍କାର, ବର୍ଣ୍ଣପାଡୁ, ଡଲିଆମ୍ବ, ଫଗୁଣ ସିନେରୀ, ଫାଟୁ ସିନେରୀ, ସଲପଗୁଡା, କର୍ଣ୍ଣଦୋରା, ହରମାଣ୍ଡିଙ୍ଗି, ମହିପାଣି, ରଣାସିଂ, ପନିକି ଓ ସୀମାଗଡ଼ା। ଏହି ୨୧ଟି ଗ୍ରାମକୁ ନେଇ ଆନ୍ଧ୍ର ପ୍ରଦେଶ ସରକାର ବିଜୟନଗରମ ଜିଲ୍ଲାର ସାଲୁର ମଣ୍ଡଳ ଅଧୀନରେ ତିନୋଟି ପଞ୍ଚାୟତ ଯଥା ଗଞ୍ଜେଇପଦର, ଫଗୁଣ ସିନେରୀ ଓ ଫାଟୁ ସିନେରୀ ଗଠନ କରିଛନ୍ତି । ସେହିପରି ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ଏବଂ ସାଧାରଣ ନିର୍ବାଚନ ସମୟରେ ଆନ୍ଧ୍ର ପକ୍ଷରୁ ନାରେଡ଼ ୱାଲସା ଠାରେ ଦୁଇଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରି ଭୋଟ ଗ୍ରହଣ କରାଯାଉଛି। ଅନ୍ୟପକ୍ଷରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ କଂକ୍ରୀଟ ରାସ୍ତା, ବିଦ୍ୟୁତ୍ ଆଲୁଅ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ଯାଇଥିବାବେଳେ ସ୍ୱାସ୍ଥ୍ୟସେବା, ଜବ କାର୍ଡ ଓ ରାସନ କାର୍ଡ ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଉକ୍ତ ବିବାଦୀୟ ଅଞ୍ଚଳରେ ଲୋକଙ୍କୁ ଭୋଟ ପରିଚୟ ପତ୍ର ଓ ରାସନ କାର୍ଡ ପ୍ରଦାନ ବ୍ୟତିତ କୌଣସି ବିକାଶମୂଳକ କାର୍ଯ୍ୟ କିମ୍ବା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଉନଥିବାରୁ ତାର ସୁଯୋଗ ଆନ୍ଧ୍ରପ୍ରଦେଶ ଉଠାଉଛି ବୋଲି କୋଟିଆ ଗ୍ରାମର ଅର୍ଜୁନ ତାଡ଼ିଙ୍ଗୀ ଅଭିଯୋଗ କରିଛନ୍ତି । କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାୟତଃ ବନ୍ଦ ରହୁଥିବାବେଳେ କର୍ମଚାରୀ ମାଓ ଆଳ ଦେଖାଇ ବର୍ତ୍ତି ଯାଉଛନ୍ତି। ସେହିପରି ତଳସେମ୍ଳି ଗ୍ରାମ ନିକଟରେ ଥିବା ସୁନାପାହାଡ଼ ଚାରି ପାଖରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ପକ୍କା ରାସ୍ତା ନିର୍ମାଣ କରାଯାଇଥିବାବେଳେ ପାହାଡ଼ଟି ଏକ ପ୍ରକାର ଆନ୍ଧ୍ର କବଜାକୁ ଚାଲି ଯାଉଥିଲେ ମଧ୍ୟ ଓଡ଼ିଶା ପ୍ରଶାସନ ନିରବ ରହିଛି। ଆନ୍ଧ୍ର ପ୍ରଶାସନ ଉକ୍ତ ଅଞ୍ଚଳର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ସହ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଦେଇ ନିଜ ଆଡ଼କୁ ଟାଣିରଖିଛି। ଓଡିଶା ସରକାରଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ବିକାଶର କାର୍ଯ୍ୟ ଧିମେଇ ଯାଇଛି। ଗମନାଗମନ ଏବଂ ଯୋଗାଯୋଗର ସୁବିଧା ନଥିବାରୁ ସ୍ୱାସ୍ଥ୍ୟସେବା କିମ୍ବା ବ୍ୟବସାୟୀକ କାମ ନିମନ୍ତେ ଉକ୍ତ ଅଞ୍ଚଳ ବାସିନ୍ଦା ଆନ୍ଧ୍ରର ସାଲୁର, ପାର୍ବତୀପୁରମ, ବବଲି ସହର ଉପରେ ନିର୍ଭର କରୁଛନ୍ତି। ଓଡ଼ିଶା ସୀମାରେ ଓଡ଼ିଶା ପକ୍ଷରୁ ଖୋଲା ଯାଇଥିବା ଅନୁଷ୍ଠାନଗୁଡ଼ିକ ବନ୍ଦ ରହୁଛି। କୋଟିଆ ପଞ୍ଚାୟତର ଉପର ସେମ୍ଳି ଗ୍ରାମ ନିକଟରେ ସୁନା ଖଣି ଥିବାବେଳେ ନିକଟସ୍ଥ ପାହଡ଼ରେ ବକ୍ସାଇଟ, ୟୁରାନିଅମ ସମେତ ବହୁ ମୂଲ୍ୟବାନ ଖଣିଜ ପଦାର୍ଥ ରହିଛି ଯାହା ଉପରେ ଆନ୍ଧ୍ରର ନଜର ରହିଥିବା କୁହାଯାଉଛି।

କନ୍ଧମାଳ ହଳଦୀର ଜିଆଇ ପାଇଁ ଆବେଦନ

ଫୁଲବାଣୀ,୧୨।୧/ଏନ୍‌ଏନ୍‌ଏସ୍: ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ପାଇଁ ରାଜ୍ୟ ସରକାର ଆବେଦନ କରିଥିବା ବେଳେ କନ୍ଧମାଳ ହଳଦୀକୁ ଜିଆଇ ମାନ୍ୟତା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରାଯାଇଛି । କନ୍ଧମାଳ ହଳଦୀକୁ ଜିଆଇ ମାନ୍ୟତା ପାଇଁ ଦାବି ହୋଇ ଆସୁଥିବା ବେଳେ ବିଜେପି ପକ୍ଷରୁ ବିକ୍ଷୋଭ ବେଳେ ମଧ୍ୟ ଏହି ଦାବି ଉପସ୍ଥାପନ କରାଯାଇଥିଲା । ଗୁରୁବାର କସମ୍ ପକ୍ଷରୁ ଏହି ଆବେଦନ କରାଯାଇଥିବା ବେଳେ ତାହାକୁ ଜିଆଇ ଗ୍ରହଣ କରିଥିବା ଜଣାଯାଇଛି। ଆଇପିଏଫ୍‌ସି ଓ ସିଟିଟିସି ପକ୍ଷରୁ ଭୁବନେଶ୍ୱରଠାରେ କସମ୍ ପାଇଁ ଆବେଦନ କରାଯାଇଥିଲା। ଏହା ପୂର୍ବରୁ ଆଇପିଏଫ୍‌ସିର ଅଧିକାରୀମାନେ କନ୍ଧମାଳ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ହଳଦୀର ମାନ୍ୟତା ଓ ଚାଷୀଙ୍କ ସହିତ ଆଲୋଚନା କରି ଫେରିଯାଇଥିଲେ।

ବିଭିନ୍ନ ସ୍କୁଲ୍ ଓ କଲେଜରେ ବାର୍ଷିକ କ୍ରୀଡ଼ା, ଉତ୍ସବ

ସାକ୍ଷୀଗୋପାଳ,୧୨।୧/ଏନ୍‌ଏନ୍‌ଏସ୍: ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ ଏଥିରେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ଚକ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅଜୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂଯୋଜକ ଡ. ରବିନାରାୟଣ ମିଶ୍ର, ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଅଧାପକ ସୁବାଷ ଚନ୍ଦ୍ର ସାହୁ, ଅଧାପକ ନନ୍ଦିନୀ ଦାଶ, ରତ୍ନାକର ସାହୁ, ରତିକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ଧରଣୀଧର ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ଅଧାପିକା ବାସନ୍ତୀ ଦେବୀ ଗୀତ ଗୋବିନ୍ଦ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ବୀଣାପାଣି ମିଶ୍ର, ଅଧାପକ ମନୋଜ କୁମାର ପରିଡ଼ା ଓ ରତିକାନ୍ତ ପରିଡ଼ା ସଭା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବାଙ୍କୀ: ବାଙ୍କୀ ଗୋପାଳପୁରସ୍ଥିତ ଓଡ଼ିଶା ବିଗ୍ରେଡ୍ ସୈନିକ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଦେବବ୍ରତ ଦାଶ, ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ, ସମ୍ମାନିତ ଅତିଥି ଭାବେ ଏନ୍‌ସିସି ଅଫିସର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସମାଜସେବୀ କୃତିବାସ ପଣ୍ଡା, ଆଦର୍ଶ ପ୍ରଧାନଶିକ୍ଷକ ଗୁଣନିଧି ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠପଢାରେ ନିଷ୍ଠା ରଖିବା, ଶୃଙ୍ଖଳିତ ଆଚରଣ କରିବା, ଦେଶ ରକ୍ଷାରେ ବ୍ରତୀ ହେବାକୁ ମତପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନକୁ ଗଢିଥିବା ବ୍ୟକ୍ତିମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅଧକ୍ଷା ସୁଶ୍ରୀ ଗୀତାରଣୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଗଣେଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଚାମ୍ପିଅନ ଅମ୍ଳାନ ଅନୁପମ ଜେନା ଓ ହିତାଂଶୁ ପଣ୍ଡାଙ୍କ ସମେତ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସୁଶ୍ରୀ ଶ୍ରୀଦେବୀ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଶିକ୍ଷୟିତ୍ରୀ ଅନାମିକା ସାହୁ, ସୁଜାତା ଜେନା, କବିତା ଦାଶ ପ୍ରମୁଖ ସହଯୋଗ କରିଥିଲେ।

ବ୍ରାହ୍ମଣଝରିଲୋ: ବାରଙ୍ଗ ବ୍ଲକ ଅନ୍ତର୍ଗତ ଖଲର୍ଦ୍ଦା ପଞ୍ଚାୟତରେ ଥିବା ଜୟନ୍ତୀ ଦେବୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ବେଣୁଧର ମୂଳିଆ, ଖଲର୍ଦ୍ଦା ସେବା ସମବାୟ ସମିତିର ସଭାପତି ବନ୍ଧୁ ଚରଣ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ହରମୋହନ ପତି ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ରାଜସୁନାଖଳା: ରଣପୁର ବ୍ଲକ୍ ରାଜସୁନାଖଳା ଗ୍ରାମର ବିବେକ ପାଠାଗାରର ଆଜି ୧୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସକାଳ ୭ଟା ସମୟରେ ନଗର ପରିକ୍ରମା , ଶ୍ରୀମଦ୍ ଭାଗବତ ପାଠ ,ବକୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଡ. ଶ୍ରୁତି ମହାପାତ୍ର, ସାଧାରଣ ସମ୍ପାଦିକା 'ସ୍ୱାଭୀମାନ' ଭୁବନେଶ୍ୱର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଚନ୍ଦ୍ରିକା ନାୟକ, ଅଧକ୍ଷା ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ନୟାଗଡ଼ ରାଜସୁନାଖଳା ଏବଂ ବିକାଶ ଚନ୍ଦ୍ର ମୁଦୁଲି ବୈଜ୍ଞାନିକ ଭାବା ଆଣବିକ ଗବେଷଣା କେନ୍ଦ୍ର କଲ୍ପକମ୍ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ପରିଚାଳିତ ବିବେକା ପାଠାଗାର ୧୯୯୯ ମସିହାରୁ ପ୍ରତିଷ୍ଠା ଲାଭ କରି ଆଜି ତାର ୧୯ ତମ ବାର୍ଷିକ ଉତ୍ସବ ପାଳନରେ ନିଜ ଅନୁଷ୍ଠାନରୁ କୃତିତ୍ୱ ଲାଭ କରୁଥିବା ଯୁବକ ଯୁବତୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ୩ ଦିନ ବ୍ୟାପୀ ଏହି ଉତ୍ସବ ଅନୁଷ୍ଠିତ ହେବ।